


**ଭୁବନେଶ୍ୱର, ୨୦୨୫, ଜୁଲାଇ ୨୪**

# ଧନଖଡ଼ଙ୍କ ଇସ୍ତଫା: ସ୍ୱାସ୍ଥ୍ୟଗତ କାରଣରୁ ନା ଅନ୍ୟ କିଛି ?

ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାର ପ୍ରଥମ ଦିନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ତାଙ୍କ ଇସ୍ତଫା ପତ୍ର ରାଷ୍ଟ୍ରପତିଙ୍କ ପାଖକୁ ପଠାଇ ଦେଇଥିଲେ ଓ ତାଙ୍କ ଇସ୍ତଫାକୁ ରାଷ୍ଟପତି ସ୍ୱୀକାର କରିନେଇଛନ୍ତି । ଧନଖଡ଼ଙ୍କ କାର୍ଯ୍ୟକଳା ପୁରିବାକୁ ୨ବର୍ଷ ବାକିଥିଲା । ଯେଉଁଭଳି ଅକସ୍ମାତ ଭାବରେ ଧନଖଡ଼ ଇସ୍ତଫା ଦେଲେ ତାକୁ ନେଇ ଅନେକ ପ୍ରକାରର ଅଟକଳ କରାଯାଇଛି । କିନ୍ତୁ ଧନଖଡ଼ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଇଛନ୍ତି ବୋଲି କହୁଛନ୍ତି । ଧନଖଡ଼ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେବା କଥାକୁ ଅନେକେ ଗ୍ରହଣ କରିପାରୁ ନାହାଁନ୍ତି । ଉପରାଷ୍ଟ୍ରପତି ଧନଖଡ଼ ନ୍ୟାୟପାଳିକାକୁ ସମାଲୋଚନା କରୁଥିଲେ ଓ ସଂସଦ ସବୁଠାରୁ ଉର୍ଦ୍ଧ୍ୱରେ ବୋଲି କହୁଥିଲେ । ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ ନେଇ ମାନ୍ୟବର ସୁପ୍ରିମକୋର୍ଟ ଯେଉଁ ନିଷ୍ପତି ଶୁଣାଇଥିଲେ ତା ପର ଠାରୁ ଧଡ଼ଖଡ଼ କ୍ରମାଗତ ଭାବେ ସୁପ୍ରିମକୋର୍ଟଙ୍କ ରାୟ ବା ନିଷ୍ପ[]କୁ ବିରୋଧ କରୁଥିଲେ । ପ୍ରୟାଗରାଜ (ଏହ୍ଲାବାଦ) ହାଇକୋର୍ଟର ବିଚାରପତି ଶେଖର ବାଦବଙ୍କ ପ୍ରସଙ୍ଗରେ ବିରୋଧି ସାଂସଦମାନଙ୍କ ପକ୍ଷରୁ ମହାଭିଯୋଗର ପ୍ରସ୍ତାବ ଦିଆଯାଇଥିଲା କିନ୍ତୁ ଧନଖଡ଼ ଏହା ଉପରେ କୌଣସି ପର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ସାଂସଦ ମାନଙ୍କ ଦସ୍ତଖତକୁ ଏପର୍ଯ୍ୟ' ଚିହ୍ନଟ ବା ପ୍ରମାଣିତ କରାଯାଇ ପାରିଲା ନାହିଁ ଓ ଶେଖର ବାବଦ ମାମଲା ସେମିତି ରହିଗଲା । ଏହାପରେ ଆସିଲା ଦିଲ୍ଲୀ ହାଇକୋର୍ଟରୁ ପ୍ରୟାଗରାଜ ହାଇକୋର୍ଟକୁ ବଦଳି ହୋଇଥିବା ବିଚାରପତି ଯଶବନ୍ତ ବର୍ମାଙ୍କ ବିରୋଧରେ ମହାଭିଯୋଗ । ଏହା ମାହାଭିଯୋଗକୁ ସ୍ୱୀକାର କରାଯାଇ କାର୍ଯ୍ୟାନୁଷ୍ଠାନ ଆଗକୁ ବଢ଼ିଲା । ଲୋକସଭା ଏବଂ ରାଜ୍ୟସଭାର ୨୧୫ ଜଣ ସାଂସଦ ଯଶବନ୍ତ ବର୍ମାଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବରେ ହସ୍ତାକ୍ଷର କରିଥିଲେ । ଉଭୟ ସଦନରେ ମଧ୍ୟ ଏହାକୁ ସ୍ୱୀକାର କରାଗଲା । ଧଡ଼ଖଡ଼ ସବୁବେଳେ କହୁଥିଲେ ଯେ ସଂସଦ ସର୍ବୋପରି । ରାଷ୍ଟ୍ରପତି ଯେଉଁ ୧୪ଟି ପ୍ରସଙ୍ଗ ଉପରେ ସୁପ୍ରିମ୍‌କୋର୍ଟଙ୍କ ପ୍ରଧାନ ବିଚାରପତିଙ୍କ ପରାମର୍ଶ ମାଗିଥିଲେ ତା ଉପରେ ସୁପ୍ରିମକୋର୍ଟଙ୍କ ୫ଜଣ ବିଚାରପତିଙ୍କ ପୀଠ ଶୁଣାଣି ଆରମ୍ଭ କରିବା ପାଇଁ ଅଧିସୂଚନା ଜାରି କରିଥିଲେ । ଏଥିସହ ସବୁରାଜ୍ୟ ଚାହିଁଲେ ଏ ମାମଲାରେ ପକ୍ଷ ରଖି ପାରିବେ ବୋଲି କହିଥିଲେ ମାନ୍ୟବର ସୁପ୍ରିମ୍‌କୋର୍ଟ । ଏହାକୁ ନେଇ ସରକାର ଏବଂ ସୁପ୍ରିମ୍‌କୋର୍ଟଙ୍କ ମଧ୍ୟରେ ତିକ୍ତତା ଏକ ନିର୍ଣ୍ଣାୟକ ଅବସ୍ଥରରେ ପହ[]ଛି ଓ ଏଥିପାଇଁ ସରକାର ମଧ ଅସୁବିଧାରେ ପଡିପାରନ୍ତି ।

ରାଜନୈତିକ ବିଶ୍ଳେଷକ ମାନଙ୍କ ମତରେ ବିଗତ କିଛି ଦିନ ହେବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ସହ ଧନଖଡ଼ଙ୍କ ସମ୍ପର୍କରେ ତିକ୍ତତା ବଢ଼ିବାରେ ଲାଗିଥିଲା । ରାଜ୍ୟସଭା ଟିଭିକୁ ନେଇ ସରକାର ଏବଂ ଧନଖଡ଼ଙ୍କ ମଧ୍ୟରେ ମତାନ୍ତର ଆରମ୍ଭ ହୋଇଥିଲା । ରାଜ୍ୟସଭାରେ ମୌସୁମୀ ଅଧିବେଶନର ପ୍ରଥମ ଦିନ ଅପରେସନ ସିନ୍ଦୁର ପ୍ରସଙ୍ଗରେ ସଦନରେ ବିରୋଧିଦଳ


ଗୋପାଳ ମହାପାତ୍ର

ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ କହିବା ପାଇଁ ଧନଖଡ଼େ ସୁଯୋଗ ଦେଇଥିଲେ ଓ ତାପରେ ବିଜେପି ଅଧକ୍ଷ ତଥା ରାଜ୍ୟସଭା ସାଂସଦ ଜେପି ନଡ୍ଡାଙ୍କୁ ତାଙ୍କ ବକ୍ତବ୍ୟ ପାଇଁ କୁହାଯାଇଥିଲା । ନଡ୍ଡା ତାଙ୍କ ଭାଷଣରେ କହିଥିଲେ ଯେ 'ସେ ଯାହା କହୁଛନ୍ତି ତାକୁ ରେକର୍ଡ କରାଯିବ' । ନଡ୍ଡା ଏପରି କହି ପ୍ରକାରାନ୍ତରେ ଧନଖଡ଼େଙ୍କୁ ଆଦେଶ ଦେଇଥିଲେ । ରାଜ୍ୟସଭାରେ ନଡ୍ଡାଙ୍କ ଏଭଳି ମନ୍ତବ୍ୟ ଏକପ୍ରକାର ଧନଖଡ଼ଙ୍କ ପାଇଁ ଅପମାନଜନକ ଥିଲା ନିଶ୍ଚୟ କୁହାଯାଉଛି ଯେ ନଡ୍ଡାଙ୍କ ମନ୍ତବ୍ୟକୁ ବିରୋଧି ସାଂସଦମାନେ ବିରୋଧ ମଧ କରିଥିଲେ । ଏହା ପରେ ସଂସଦରେ ହୋ ହାଲ୍ଲା ବଢ଼ିଥିଲା ।

କୁହାଯାଉଛି ଯେ ଧନଖଡ଼େଙ୍କ ଉପରେ ଚାପପକାଯାଇ ତାଙ୍କୁ ଇସ୍ତଫା ଦେବା ପାଇଁ ବାଧ କରାଯାଇଛି । ଏପରିକି ଇସ୍ତଫା ପତ୍ର ପ୍ରସ୍ତୁତ କରାଯାଇ ତାଙ୍କ ଆଗରେ ପେଶ କରାଯାଇଛି । ଧନଖଡ଼ ଇସ୍ତଫା ପତ୍ରରେ ଦସ୍ତଖତ କରିବା ପାଇଁ ପ୍ରଥମେ ରାଜିନଥିଲେ କିନ୍ତୁ ତାଙ୍କୁ ଏମିତି ଏକ ଫାଇଲ ଦେଖାଇ ଦିଆଯାଇଥିଲା ଯାହାପରେ ଧନଖଡ୍ ଇସ୍ତଫାପତ୍ରରେ ଦସ୍ତଖତ କରିଥିଲେ । ୨୧ ତାରିଖ ସଂଧ୍ୟା ୬ଟା ପର୍ଯ୍ୟ' ସବୁକିଛି ସାଧାରଣ ଥିଲା କିଂ ସଂଧ୍ୟା ୬ଟା ପରେ ରାଜନୀତିରେ ହଲଚଲ ଆରମ୍ଭ ହୋଇଯାଇଥିଲା । ରାତି ସାଢେ ୯ଟା ବେଳେ ଜଣାପଡିଲା ଯେ ସ୍ୱାସ୍ଥ୍ୟଗତ କାରଣରୁ ଧନଖଡ଼ ଇସ୍ତଫା ଦେଇଛନ୍ତି । ସୁପ୍ରିମ୍‌କୋର୍ଟଙ୍କ ବିରୁଦ୍ଧରେ ଯେପରି ଭାବେ ଧନଖଡ଼ ମଂବ୍ୟ ଦେଉଥିଲେ ସେଥିପାଇଁ ସରକାର ଅସୁବିଧାରେ ପଡୁଥିଲେ । ସରକାର ଧନଖଡ଼ଙ୍କ ମଧ୍ୟରେ ତିକ୍ତତା/ ଦୂରତା ବଢ଼ିବାରେ ଲାଗିଥିଲା । ଉପରାଷ୍ଟପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ରାଜ୍ୟସଭାରେ ଅପରେସନ ସିନ୍ଦୁର ପ୍ରସଙ୍ଗରେ କହିବା ପାଇଁ ସୁଯୋଗ ଦେବା ଦ୍ୱାରା ଶାସକଦଳ ଅସଂ୍ତୁଷ୍ଟ ହୋଇଥିଲେ । ସଂସଦରେ ଜେପିନଡ୍ଡା ମଧ ତାଙ୍କ ପ୍ରତିକ୍ରିୟା ସୂଚାଇ ଦେଇଥିଲେ । ନଡ୍ଡାଙ୍କ 'ସେ ଯାହା କହୁଛନ୍ତି ତାକୁ ରେକର୍ଡ କରାଯିବ' ମନ୍ତବ୍ୟ ପରେ ଧନଖଡ଼େ ଅସନ୍ତୋଷ ପ୍ରକାଶ କରିଥିଲେ । କିନ୍ତୁ ସରକାର ଏହାକୁ ଧନଖଡ଼େଙ୍କ ସରକାର ବିରୋଧି ମାନସିକତା ବୋଲି ଗ୍ରହଣ କରିନେଇଥିଲେ ଓ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟ' ୩ଘ[]। ସରକାର ମାତ୍ରାଧିକ ସକ୍ରିୟ ହୋଇଯାଇଥିଲେ ।

ଏବେ କୁହାଯାଉଛି ଯେ ଧନଖଡ଼ଙ୍କ ଇସ୍ତଫା ପ୍ରତିରକ୍ଷାମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତ କରାଯାଇଥିଲା ଓ ଚାପ ସୃଷ୍ଟି କରାଯିବାରୁ ଧନଖଡ଼ ଏଥିରେ ସ୍ୱାକ୍ଷର କରିଥିଲେ । ରାଷ୍ଟ୍ରପତି ମଧ ଧନଖଡ଼ଙ୍କ ଇସ୍ତଫାପତ୍ରକୁ ତୁରନ୍ତ ସ୍ୱୀକାର କରିନେଇଥିଲେ । ଏହାପରେ ଗଣମାଧ୍ୟମଙ୍କ ଇସ୍ତଫା ବାବଦରେ ସୂଚନା ଦିଆଯାଇଥିଲା । ଭାରତୀୟ ରାଜନୀତିରେ ଏହାକୁ ଏକ ବଡ଼ ପରିବ[]ନ ଏବଂ ଧମାକା ବୋଲି ମଧ ଅନେକେ ଅଭିହିତ କରୁଛନ୍ତି । କିଂ ସବୁଠାରୁ ମଜାଦାର କଥା ହେଉଛି ବିଗତ ଦୁଇତିନ ମାସ ହେବ ସରକାର ଯେଉଁ ନିଷ୍ପ[] ନେଉଛନ୍ତି ତାହା ତାଙ୍କ ପାଇଁ ବୁମେରାଂ ସାଜୁଛି । ବିହାରରେ ଭୋଟର ତାଲିକାର ସଘନ ସଂଶୋଧନ ଅଭିଯାନ ମଧ ନିର୍ବାଚନ କମିଶନ ଏବଂ ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ସରକାର ଏବଂ ନ୍ୟାୟପାଳିକା ମଧ୍ୟରେ ଯେପରି ଦୂରତା ବଢ଼ିବାରେ ଲାଗିଛି ତାକୁ ନେଇ ଅନେକ ଆଶଙ୍କା ମଧ ରାହିଛି । କିଂ ମୌସୁମୀ ଅଧିବେଶନର ପ୍ରଥମଦିନ ଉପରାଷ୍ଟ୍ରପତି ଯେଉଁଭଳି ଭାବରେ ଅଚାନକ ଇସ୍ତଫର ଦେଲେ ତାକୁ ନେଇ ରାଜନୀତି ମଧ ସରଗରମ ହେବାରେ ଲାଗିଛି । ଆଗକୁ କ'ଣ ହେବ ସେକଥା ଭଗବାନ ହିଁ ଜାଣିଁ ।

ଏସବୁ ପରେ ସବୁଠାରୁ ଦୁର୍ଭାଗ୍ୟର କଥା ହେଉଛି ଧନଖଡ଼ଙ୍କ ଇସ୍ତଫା ପରେ ତାଙ୍କୁ ବିଦାୟ ଦେବାପାଇଁ କୌଣସି ସମାରୋହର ଆୟୋଜନ କରାଯିବ ନାହିଁ କିମ୍ବା ତାଙ୍କୁ ବିଦାୟୀ ଭାଷଣ ପାଇଁ ସୁଯୋଗ ଦିଆଯିବ ନାହିଁ । ସାଧାରଣତଃ ଉଚ୍ଚ ପଦାସୀନ ବ୍ୟକ୍ତି ତାଙ୍କ ପଦବୀରୁ ବିଦାୟ ନେବା ପରେ ତାଙ୍କର ପ୍ରଶଂସା କରାଯାଇଥାଏ । କିନ୍ତୁ ଏକଥା ଦେଖିବାକୁ ମିଳୁନାହିଁ । ଏଣୁ ପ୍ରଶ୍ନ ଉଠିବା ସ୍ୱଭାବିକ୍ ଯେ ଧନଖଡ଼ଙ୍କ ଇସ୍ତଫା ସ୍ୱାସ୍ଥ୍ୟଗତ କାରଣରୁ ନା ଅନ୍ୟକଛି ?

*ରାମଚନ୍ଦ୍ରପୁର, ରଣପୁର*
*ମୋ: ୯୪୩୮୪୮୫୦୯୪*

## ଆପଣ ସୀମାଶୁଳ୍କ ଠକେଇର ଶିକାର ?

**ଯୁଧିଷ୍ଠିର ମହାରଣା**

ଆପଣ କିମ୍ବା ଆପଣଙ୍କ ପ୍ରିୟଜନ କିଏ ବିଦେଶରେ ରହୁଛନ୍ତି କି? ବେଳେ ବେଳେ ଆପଣ ତାଙ୍କଠୁ ଉପହାର ପାଇଥାଆନ୍ତି କିମ୍ବା ସେଠାରୁ କୌଣସି ଜିନିଷ ମଗାଇଥାନ୍ତି । ଏଥିଲାଗି ଆପଣଙ୍କୁ ଏକ ସ୍ୱତନ୍ତ୍ର ଟିକସ ଦେବାକୁ ପଡ଼େ । ଆଇନ ଅନୁସାରେ ବିଦେଶରୁ ଦ୍ରବ୍ୟ କିଣିଲେ ସୀମାଶୁଳ୍କ ଦେବାକୁ ପଡ଼େ । ଭିନ୍ନ ଭିନ୍ନ ସାମଗ୍ରୀ ଉପରେ ଏହାର ହାର ବି ଭିନ୍ନ । ପୁଣି ଏପରି କିଛି ସାମଗ୍ରୀ ଅଛି, ଯାହା ଉପରେ ସୀମା ଶୁଳ୍କ ଲାଗୁ ହୋଇ ନଥାଏ । ଗତ ବଜେଟରେ ଭାରତ ସରକାର କେତେକ ଜୀବନ ରକ୍ଷାକାରୀ କର୍କଟ ଔଷଧ ଆମଦାନୀ ଉପରେ ସୀମା ଶୁଳ୍କ ଛାଡ଼ କରିଥିଲେ । ସେହିପରି ସୁନା, ରୁପା ଓ ପ୍ଲାଟିନମ୍ ଭଳି ଦାମୀ ଧାତୁ ଉପରୁ ମଧ୍ୟ ସୀମାଶୁଳ୍କ କମାଇ ଦେଇଥିଲେ । ପ୍ରତିବର୍ଷ ବଜେଟରେ କେନ୍ଦ୍ର ସରକାର ଅର୍ଥନୀତିକୁ ଚାହିଁ ଏହି ଶୁଳ୍କ ହାର ନିର୍ଣ୍ଣୟ କରିଥାନ୍ତି ।

ସରଳରେ କହିଲେ ଯେତେବେଳେ କୌଣସି ଦ୍ରବ୍ୟ ସାମଗ୍ରୀ ପରିବହନ ଅନ୍ତର୍ଜାତୀୟ ସୀମା ଦେଇ ହୋଇଥାଏ, ସେତେବେଳେ ତା'ଉପରେ ସୀମାଶୁଳ୍କ ଲାଗେ । ଏହାଦ୍ୱାରା ଦେଶ ଭିତରକୁ ଆସୁଥିବା ସାମଗ୍ରୀ ଉପରେ ନଜର ରଖାଯାଇପାରିବା ସହ ଦେଶରେ ନିଷିଦ୍ଧ ଥିବା ଦ୍ରବ୍ୟର ପ୍ରବେଶ ଉପରେ କଟକଣା ଲଗାଯାଇଥାଏ । ସୀମାଶୁଳ୍କ ବ୍ୟବସ୍ଥା ହେତୁ ଦେଶର ଅର୍ଥନୀତିରେ ସ୍ଥିରତା, ଚାକିରି, ସୁରକ୍ଷା, ନାଗରିକ ଅଧିକାର ଏବଂ ପରିବେଶର ସୁରକ୍ଷା ସମ୍ଭବ ହୋଇଥାଏ । ସର୍ବୋପରି ଅନ୍ତର୍ଜାତୀୟ ଅବୈଧ କାରବାର ଉପରେ ଏହା ନିୟନ୍ତ୍ରଣ ରଖେ ।

ଆଜିକାଲି ସୀମାଶୁଳ୍କ ଆଦାୟ ଓ ପୈଠ କ୍ଷେତ୍ରରେ ବ୍ୟାପକ ଠକେଇ ଓ ହେରଫେର ହେଉଥିବା ଅଭିଯୋଗ ହେଉଛି । ନିୟମ ଅନୁଯାୟୀ, ଜଣେ ବିଦେଶରୁ କେଉଁ ଜିନିଷ କିଣିଛନ୍ତି କିମ୍ବା କେଉଁଟି ଉପହାର ପାଇଛନ୍ତି ଅଥବା ବ୍ୟବହୃତ ହୋଇଥିବା ଦ୍ରବ୍ୟ ଆଣିଛନ୍ତି, ତାହା ଦର୍ଶାଇ ଥାଆନ୍ତି । ସୀମାଶୁଳ୍କ ଅଧିକାରୀମାନେ ଏହାର ସତ୍ୟତା ଯାଂଚ କରି ସଂପୃକ୍ତ ବ୍ୟକ୍ତିଙ୍କୁ କ୍ଲିୟରାନ୍ସ ଦେଇଥାଆନ୍ତି । ସାଇବର ଅପରାଧୀମାନେ ମଧ୍ୟ ବିଦେଶରୁ ଆସୁଥିବା ଭାରତୀୟଙ୍କ ଏହି ବାଟ ଦେଇ ଲୁଟିବା ଆରମ୍ଭ କରିଛନ୍ତି ।

କେନ୍ଦ୍ର ସରକାର ସୀମାଶୁଳ୍କ ପୈଠ ପ୍ରକ୍ରିୟାକୁ ଅନଲାଇନ କରିଛନ୍ତି । ଭାରତ ସରକାର କଷ୍ଟମ ଟାରିଫ ହାରର ଏକ ଡାଟାବେସ ସିବିଆଇସି ଟାରିଫ ପୋର୍ଟାଲ (www.cbic.gov.in)ରେ ଉପଲବ୍ଧ କରାଇଛନ୍ତି । କଷ୍ଟମ ଡ୍ୟୁଟି ପୈଠ ଲାଗି ଆଇସିଇଜିଏଟିର ପୋର୍ଟାଲ ରହିଛି । ଙଙଙ.ସମରଶବସଫର.ଶକ୍ଷଙ୍କ.ସଭ କୁ ଯାଇ ଆପଣ ନିଜ ସାମଗ୍ରୀର କଷ୍ଟମ ଡ୍ୟୁଟି ହାର ନିର୍ଣ୍ଣୟ ସହ ଶୁଳ୍କ ପୈଠ କରିପାରିବେ । ଏହାବାଦ ଯଦି ଆପଣଙ୍କ ସମସ୍ୟା ସମାଧାନ ନ ହେଉଛି ତେବେ ଆପଣ କଷ୍ଟମ ହାଉସ ଏଜେ[]ଙ୍କ ସହ ଯୋଗାଯୋଗ କରିପାରିବେ ସିଏଚ ଏଗୁଡ଼ିକ ଲାଇସେନ୍ସପ୍ରାପ୍ତ ବୃତ୍ତିଗତ ସଂସ୍ଥା ହୋଇଥିବାରୁ ସେମାନେ ପ୍ରଯୁଜ୍ୟ ଶୁଳ୍କ ହାର ନିର୍ଣ୍ଣୟ କରିବାରେ ଓ କ୍ଲିୟରାନ୍ସରେ ସହାୟତା କରିଥାନ୍ତି । ନହେଲେ ସିବିଆଇସି ହେଲପଲାଇନକୁ କଲ କରି କିମ୍ବା ଇମେଲ କରି ସହାୟତା ଲୋଡ଼ିପାରିବେ ।

ଅନଲାଇନରେ ଉପଲବ୍ଧ ତଥ୍ୟକୁ ଭଲଭାବେ ପଢ଼ିବା ଦରକାର । ଟାରିଫ ଦେଖି ଶୁଳ୍କ ପୈଠ କଲେ ଲୋକମାନେ ଠକାମିରେ ପଡ଼ିବେ ନାହିଁ । ଅଧିକ ଟ୍ୟାକ୍ସ ଦେବାକୁ ପଡ଼ିବ ନାହିଁ । ଏବେ ଅନଲାଇନ କଷ୍ଟମ ସ୍କାମ ଏକ ବଡ଼ ସମସ୍ୟା ଏସବୁରୁ ବର୍ତିବା ପାଇଁ ସଚେତନତା ଜରୁରୀ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ*

## ଶ୍ରୀଜଗନ୍ନାଥ ଚେତନା

**କବୀର କୁମାର ଜେନା**

ଶ୍ରୀଜଗନ୍ନାଥ ଆମ ସଂସ୍କୃତିର ସର୍ବଜନମାନ୍ୟ ରାଷ୍ଟ୍ର ଦେବତା । ଶ୍ରୀମନ୍ଦିର ରତ୍ନସିଂହାସନରେ କେବଳ ଦେବତା ଭାବରେ ସକାଳୁ ସଞ୍ଜ ଯାଏ ସେ ପୂଜିତ ହୁଅନ୍ତି ନାହିଁ । ବରଂ ଆମ ସୁଖ ଦୁଃଖ, ବିପଦଆପଦ ଓ ଭଲ ମନ୍ଦରେ ସେ ସାହା ହୁଅନ୍ତି ମଣିଷ ଭଳି । ସମଗ୍ର ପୃଥିବୀରେ ଏଭଳି ଦେବତା ବିରଳ । ସେଇଥିପାଇଁ ସେ ଜଗତରନାଥ ଶ୍ରୀଜଗନ୍ନାଥ । ଅନନ୍ୟ ତାଙ୍କର ମହାପ୍ରସାଦ । ଭେଦଶୂନ୍ୟ, ବିକାରଶୂନ୍ୟ ସଂହତି ଭାବ ସୃଷ୍ଟି କରେ ଭକ୍ତ ମନରେ ଏହି ମହାପ୍ରସାଦ । ଅତଏବ ଏହି ପୃଥିବୀ ପ୍ରସିଦ୍ଧ ଶ୍ରୀକ୍ଷେତ୍ର ଜଗନ୍ନାଥ ପୁରୀଧାମରେ ମହାପ୍ରଭୁଙ୍କର ଅର୍ପିତ ପ୍ରସାଦ ବା ଦ୍ରବ୍ୟ ସ୍ପୃଶ୍ୟାସ୍ପୃଶ୍ୟ ଦୋଷରେ ଦୂଷିତ ହୁଏ ନାହିଁ କି ଏଠାରେ ବର୍ଣ୍ଣବିଚାର ନାହିଁ, ଉଚ୍ଛିଷ୍ଟାଦି ବିଚାର ନାହିଁ କି ଶୌଚାଶୌଚ ପାପ ନିଷ୍ପାପ ବିଚାର ମଧ ନାହିଁ ।

ଆବ୍ରାହ୍ମଣଚଣ୍ଡାଳ ବ୍ରାହ୍ମଣ ସମସ୍ତେ ଏଠି ନିର୍ବିକାର ଚିତରେ ମହାପ୍ରଭୁ ଜଗନ୍ନାଥଙ୍କ ମହାପ୍ରସାଦ ସେବନପୂର୍ବକ ଉଚ୍ଛିଷ୍ଟ ଗ୍ରହଣ କରି ନିଜକୁ ପରମ ଭାଗ୍ୟବାନ ମନେ କରନ୍ତି ଏବଂ ଅନ୍ୟ ମାନଙ୍କ ମୁଖରେ ମହାପ୍ରସାଦ ଦେଇ ଦିବ୍ୟାନନ୍ଦ ଅନୁଭବ କରିବା ସଙ୍ଗେ ସଙ୍ଗେ ନିଜକୁ ଅଧିକ ପବିତ୍ର ମଧ ମନେକରିଥାନ୍ତି । ତେଣୁ ଏହି କ୍ଷେତ୍ରରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ର ଏକ ପାତ୍ରରେ ପାନଭୋଜନ କରିବା ଓ ମିଳାମିଶା କରିବା ବା ସଂହତି ରକ୍ଷା କରିବା ହେଉଛି ଏ ପୀଠର ପରମ୍ପରା । ଏହି ପରମ୍ପରା ବୌଦ୍ଧ ଧର୍ମ ଦର୍ଶନଦ୍ୱାରା ପ୍ରଭାବିତ । ଏହି ଏକତ୍ୱଭାବ, ଭ୍ରାତୃଭାବ ଆମ ସଂସ୍କୃତିର ମହନୀୟତାକୁ ପ୍ରତିପାଦିତ କରିଥାଏ । ସମଗ୍ର ବିଶ୍ୱରେ ଆମ ସଂସ୍କୃତିର ପରାକାଷ୍ଠା ମହାପ୍ରଭୁ ଜଗନ୍ନାଥଙ୍କ ଯୋଗୁ ଆଜି ବିଦିତ ।

ଆମ ସଂସ୍କୃତି ହେଉଛି ଜାତିଭେଦ ବିହୀନ ସଂସ୍କୃତି – ତାହା ହିଁ ଜଗନ୍ନାଥ ସଂସ୍କୃତି । ବୁଦ୍ଧରୂପୀ ପତିତପାବନଙ୍କ ନାମରେ ସିଂହଦ୍ୱାର ଗୁମୁଟରେ ଜଗନ୍ନାଥଙ୍କ ପ୍ରତିବିମ୍ବ ଅଙ୍କନ କରାଯାଇ ପ୍ରମାଣ କରାଯାଇଛି ଯେ ବୁଦ୍ଧ-ଜଗନ୍ନାଥ-ପତିତପାବନ ଏକ ଓ ଅଭିନ୍ନ ଓ ତାହା ହିଁ ଜଗନ୍ନାଥଙ୍କର ମୂଳରୂପ । ଅତଏବ ଜଗନ୍ନାଥ ବୁଦ୍ଧରୂପୀ ପତିତପାବନ ହୋଇଥିବାରୁ ତାହାଙ୍କ ଯାତ୍ରାକୁ ପତିତପାବନଯାତ୍ରା ବା ରଥଯାତ୍ରା ବୋଲି କୁହାଯାଏ । କବିସମ୍ରାଟ ଉପେନ୍ଦ୍ରଭଞ୍ଜ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ ପ୍ରଥମ ଛାନ୍ଦରେ ଉଲ୍ଲେଖ କରିଛନ୍ତି – 'ସ୍ନାନ ଯେ ଗୁଣ୍ଡିଚା ବେନି ସ୍ୱୟଂଲୀଳା ଯା'ର, ପତିତପାବନ ଅର୍ଥେ ପ୍ରାସାଦୁଁ ବାହାର ।' ଅର୍ଥାତ୍ ପତିତମାନଙ୍କୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ସ୍ନାନ ବା ଗୁଣ୍ଡିଚା ଯାତ୍ରାରେ ଜଗନ୍ନାଥ ମହାପ୍ରଭୁ ପ୍ରସାଦ ବା ଦେଉଳରୁ ବାହାରିଥାଆନ୍ତି ।

ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଏହି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆଜି ଓଡ଼ିଶା ସମେତ ଭାରତ ବର୍ଷ ଓ ଭାରତ ବାହାରେ ବିଭିନ୍ନ ଦେଶରେ ପରିବ୍ୟାପ୍ତ । ଶ୍ରୀଜଗନ୍ନାଥ ଉପାସନାର ବୈଶିଷ୍ଟ୍ୟ ଜନସମାଜରେ ଆଦୃତ ହେଉଥିବାରୁ ଦେଶ ବିଦେଶରେ ତାହାଙ୍କର ଏ ଭେଦଭାବ ଶୂନ୍ୟ ଯାତ୍ରାର ବହୁଳ ପ୍ରଚାର ଓ ପ୍ରସାର ଘଟିଛି । ମହାପ୍ରଭୁଙ୍କ ସହିତ ଏ ମଣିଷର ପ୍ରତ୍ୟକ୍ଷ ସାନ୍ନିଧ୍ୟ ଓ ଗୂଢ଼ ସଂଯୋଗର ସୂତ୍ର ସ୍ଥାପିତ ହୁଏ ଏହି ରଥଯାତ୍ରାରେ । କୈବଲ୍ୟ ବା ମୁକ୍ତି ଏହାର ଉଦ୍ଦେଶ୍ୟ ।

ଶ୍ରୀଜଗନ୍ନାଥଙ୍କ ଏ ରଥଯାତ୍ରା ବ୍ୟକ୍ତି ଜୀବନକୁ ନୀତିମୟ, ଶୁଦ୍ଧ ଓ ଆଚାରଶୀଳ କରୁଥିବାବେଳେ ସାମାଜିକ ଜୀବନଧାରାକୁ ଆନନ୍ଦ ମୁଖରିତ କରିବା ସଙ୍ଗେ ସଙ୍ଗେ ମାର୍ଜିତ ଓ ରୁଚିସମ୍ପନ୍ନ କରିଥାଏ । ସାଂସ୍କୃତିକ ମୂଲ୍ୟବୋଧର ଭିତି ଓ ଭିତି ଉପରେ ପ୍ରତିଷ୍ଠିତ ଆମ ସଂସ୍କୃତିର ଏ ମହୋତ୍ସବ ଭକ୍ତିତତ୍ତ୍ୱ, ମୋକ୍ଷତତ୍ତ୍ୱ ଓ ପରମତତ୍ତ୍ୱ ପ୍ରଦାନ ସହିତ ତାର ଉଦାରମାନବିକତାକୁ ଉଦଘୋଷଣା କରେ । ତେଣୁ ବିଶ୍ୱମୁଖୀ ମୈତ୍ରୀବୋଧର ପ୍ରତିଷ୍ଠା ସଙ୍ଗେ ସଙ୍ଗେ ପ୍ରତ୍ୟେକ ମଣିଷ ଭିତରେ ଦିବ୍ୟଜ୍ଞାନ ଓ ଦେବତ୍ୱ ସୃଷ୍ଟି କରିବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏ ଯାତ୍ରା ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୮୯୧୭୩୭୭୯୮୭*

## ଜାମିନ ଆଇନରେ ସଂଶୋଧନ ହେଉ

**ଗଙ୍ଗାଧର ସାମଲ**

ସଭ୍ୟ ଓ ଗଣତାନ୍ତ୍ରିକ ସମାଜରେ ଅପରାଧ ନିୟନ୍ତ୍ରଣ, ଦଣ୍ଡବିଧି ଆଇନ ଓ ଅପରାଧୀ ମାନଙ୍କ ପୁନର୍ବାସ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଆଇନର ଶାସନରେ ଅପରାଧ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷ ବୋଲି ସେ ପର୍ଯ୍ୟନ୍ତ ଧରାଯିବ, ଯେ ପର୍ଯ୍ୟନ୍ତ ସେମାନେ ଅଦାଲତ ବିଚାର ପ୍ରକ୍ରିୟାରେ ଦୋଷୀ ସାବ୍ୟସ୍ତ ନହୋଇଛନ୍ତି । ତେଣୁ କୁହାଯାଏ ସେ ହଜାରେ ଜଣ ଦୋଷୀ ପଛେ ଖଲାସ ହୋଇଯାଆନ୍ତୁ ଜଣେ ନିର୍ଦ୍ଦୋଷକୁ ଦଣ୍ଡ ଦିଆ ନଯାଉ । କିନ୍ତୁ ଆମ ବିଚାର ପ୍ରକ୍ରିୟା ଏତେ ବିଳମ୍ବିତ ହୋଇଯାଉଛି ଯେ ଦୋଷୀ ନିର୍ଦ୍ଦୋଷ ଉଭୟେ ବହୁବର୍ଷ ଧରି ବିଚାରାଧୀନ କଏଦୀ ଭାବେ ଜେଲରେ ଶଢୁଛନ୍ତି । କାରଣ ବିଚାର ପ୍ରକ୍ରିୟାର ଲକ୍ଷ୍ୟ ହେଲା କାହାକୁ ଦୋଷୀ ସାବ୍ୟସ୍ତ କରିବା ପୂର୍ବରୁ ତାହାର ଅପରାଧ ସବୁପ୍ରକାର ସନ୍ଦେହର ଉର୍ଦ୍ଧ୍ୱରେ ପ୍ରମାଣିତ ହେବା ଆବଶ୍ୟକ ।

ଏଭଳି ବିଳମ୍ବିତ ବିଚାର ପ୍ରକ୍ରିୟାର ପୃଷ୍ଠଭୂମିରେ ଅପେକ୍ଷାକୃତ କମ ଜଘନ୍ୟ ଅପରାଧରେ ଅଭିଯୁକ୍ତ ଓ ପ୍ରଥମ ଦୃଷ୍ଟିରେ ନିର୍ଦ୍ଦୋଷ ଜଣାପଡୁଥିବା ଅଭିଯୁକ୍ତ ମାନଙ୍କୁ ଆଇନରେ ଜାମିନ ଦେବାର ବ୍ୟବସ୍ଥା ରହିଛି । ଜାମିନର ଅର୍ଥ ହେଲା ଅଭିଯୁକ୍ତ ବ୍ୟକ୍ତି କେତେକ ସର୍ତଭିତିରେ ବିଚାରାଧୀନ ଜେଲରୁ ମକ୍ତି ପାଇବେ ଏବଂ ଆବଶ୍ୟକ ପଡ଼ିଲେ ଫଏସଲା ହେବା ପର୍ଯ୍ୟନ୍ତ ଅଦାଲତ ନିର୍ଦ୍ଦେଶରେ ହଜାର ହେବେ । ଜାମିନ ଦେବା ଅଧିକାର ଜିଲ୍ଲାସ୍ତରୀୟ ବିଚାରପତିମାନଙ୍କ ଠାରୁ ଆରମ୍ଭ କରି ହାଇକୋର୍ଟ ଓ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ବିଚାରପତି ମାନଙ୍କର କ୍ଷମତା ଆଇନରେ ରଖାଯାଇଛି । କିନ୍ତୁ ଜାମିନ ବ୍ୟବସ୍ଥାର ଉପଯୋଗ ଜିଲ୍ଲାସ୍ତରୀୟ ଅଦାଲତ ମାନଙ୍କରେ ଠିକ ଭାବେ ହୋଇପାରୁନାହିଁ ବୋଲି ଭାରତର ମୁଖ୍ୟ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼ ନିକଟରେ ମନ୍ତବ୍ୟ ଦେଇଛନ୍ତି । ତାଙ୍କ ମତରେ ଜିଲ୍ଲାସ୍ତରୀୟ ବିଚାରପତିମାନେ ଜାମିନ ବ୍ୟବସ୍ଥାର ପୂର୍ଣ୍ଣ ଭାବେ ପାଳନ କରିବାକୁ ହୁଏତ ଭରସି ପାରୁନାହାନ୍ତି । ତେଣୁ ରୁଟିନ ଉପାୟରେ କେସ ତାରିଖ ଘୁଂ ଯାଉଛି ଏବଂ ବିଚାରାଧୀନ ବ୍ୟକ୍ତି ଜାମିନ ନ ପାଇ ଜେଲ ଭିତରେ ବନ୍ଦୀ ହୋଇ ରହୁଛନ୍ତି । ମୁଖ୍ୟ ବିଚାରପତିଙ୍କ ଏହି ବକ୍ତବ୍ୟ ଆମ ନ୍ୟାୟପାଳିକା ବ୍ୟବସ୍ଥାର ଏକ ଦୁର୍ବଳତାକୁ ସୂଚାଉଛି । ଏହାଫଳରେ ଅଭିଯୁକ୍ତମାନେ ଜାମିନ ପାଇଁ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯିବା ପାଇଁ ବାଧ ହେଉଛନ୍ତି । ଆମେ ଜାଣୁ ଯେ ଆମ ଦେଶରେ ହାଇକୋର୍ଟ ଓ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଜାମିନ ପାଇଁ ଯିବାକୁ କେଳ ମୁଷ୍ଟିମେୟ ଲୋକଙ୍କ ପାଖରେ ଧନ ବଳ ଓ ଶକ୍ତି ରହିଛି । ଅଧିକାଂଶ ସାଧାରଣ ଓ ଗରିବ ଲୋକ ଉଚ୍ଚ ଅଦାଲତକୁ ଯାଇ ନପାରି ଅକାରଣେ ବିଚାରାଧୀନ କଏଦୀ ଭାବେ ରହିବାକୁ ବାଧ ହେଉଛନ୍ତି । ସେଥିପାଇଁ ଆମ ଦେଶର ଜେଲ ମାନଙ୍କରେ ଅପରାଧୀ ରହିବା ପାଇଁ ସ୍ଥାନ ଅଭାବ ପଡୁଛି । ଜେଲରେ ରହୁଥିବା ମୋଟାମୋଟି ତିନି ଚତୁର୍ଥାଂଶ ବନ୍ଦୀ ହେଉଛନ୍ତି ବିଚାରାଧୀନ କଏଦୀ । ଦେଶରେ ବିଭିନ୍ନ ଅଦାଲତ ମାନଙ୍କରେ ମୋଟ ବିଚାରାଧୀନ ମାମଲା ବହୁ ବର୍ଷ ଧରି ଏକ ବିପୁଳ ସଂଖ୍ୟାରେ ପହଂ ସାରିଛି । ଏହା ସାଙ୍ଗକୁ ଜଜ ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ ସୁପ୍ରିମକୋର୍ଟରୁ ଆରମ୍ଭ କରି ବିଭିନ୍ନ ରାଜ୍ୟ ହାଇକୋର୍ଟ, ଜିଲ୍ଲା ଓ ନିମ୍ନ ଅଦାଲତ ମାନଙ୍କରେ ଲକ୍ଷ ଲକ୍ଷ ମାମଲା ବାକି ରହିଛି । ସୁପ୍ରିମକୋର୍ଟ ୱେବସାଇଟରେ ପ୍ରକାଶିତ ପରିସଂଖ୍ୟାନ ଅନୁଯାୟୀ ଗତ ବର୍ଷ ନଭେମ୍ବର ୧ ତାରିଖ ସୁଦ୍ଧା ସୁପ୍ରିମକୋର୍ଟରେ ୬୯୭୮୧ ମାମଲା ବିଚାରାଧୀନ ରହିଛି । ସେହିପରି କେନ୍ଦ୍ର ଆଇନ ମନ୍ତ୍ରୀ କିରଣ ରିଜୁ ରାଜ୍ୟସଭାରେ ଦେଇଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଜୁଲାଇ ୨୫ ତାରିଖ ସୁଦ୍ଧା ବିଭିନ୍ନ ରାଜ୍ୟ ହାଇକୋର୍ଟରେ ମୋଟ ବିଚାରାଧୀନ ମାମଲା ସଂଖ୍ୟା ୫୯ଲକ୍ଷ ୫୫ ହଜାର ୮୭୩ । ଦେଶର ଜିଲ୍ଲା ଓ ଅଧସ୍ତନ କୋର୍ଟ ମାନଙ୍କରେ ୪କୋଟି ୮୩ଲକ୍ଷ ମାମଲା ବିଚାରାଧୀନ ଅଛି । ଏଥିରୁ ଆମ ବିଚାର ବ୍ୟବସ୍ଥା ଉପରେ ବିଚାରାଧୀନ ମାମଲାର ବୋଝ ସହଜେ ଅନୁମେୟ ।

ଆଇନ ଅନୁସାରେ ଜାମିନକୁ ଅଗ୍ରାଧିକାର ଦେବା କଥା, ଜେଲକୁ ନୁହେଁ । କିନ୍ତୁ ଆମ ଦେଶରେ ପୁଲିସ ବ୍ୟବସ୍ଥା ସ୍ୱଚ୍ଛ ନୁହେଁ । ଅନେକ ମାମଲାରେ ରାଜନୈତିକ ଚାପରୁ ହେଉ ବା ଦୁର୍ନୀତିର ପରିଣାମ ସ୍ୱରୂପ ଅନେକ ନିର୍ଦ୍ଦୋଷଙ୍କୁ ପୁଲିସ ବିଭିନ୍ନ ମାମଲା ଆଳରେ ବାନ୍ଧି ପକାନ୍ତି ଓ କୋର୍ଟକୁ ଚାଲାଣ କରନ୍ତି । ଅଧିକାଂଶତଃ ଏଭଳି ମାମଲାରେ ପୁଲିସର ଅଭିଯୋଗ ଫର୍ଦ୍ଦ ବା ଚାର୍ଜସିଟ ଅପୂର୍ଣ୍ଣ ରହିଥାଏ । ଏଭଳି ଅଭିଯୁକ୍ତମାନଙ୍କୁ ଜାମିନ ସହଜରେ ମିଳିବା କଥା । କିନ୍ତୁ ଜିଲ୍ଲାସ୍ତରୀୟ ବିଚାରପତିମାନେ ଯଦି ଆଇନରେ ଥିବା ଜାମିନ କ୍ଷମତାର ସମ୍ପୂର୍ଣ୍ଣ ସଦବ୍ୟବହାର କରିବାକୁ ପଛେଇବେ ତେବେ ସେହି ମାମଲାରେ ଫସିଥିବା ନିର୍ଦ୍ଦୋଷ ବ୍ୟକ୍ତିଟି ଯଦି ଗରିବ କିମ୍ବା ପଛୁଆବର୍ଗର ହୋଇଥାଏ ତେବେ ଜାମିନ ପାଇଁ ଉପରକୋର୍ଟକୁ ଯିବା ତା ପକ୍ଷରେ ସ୍ୱପ୍ନ ହୋଇପଡ଼େ । କାନମୁଣ୍ଡା ଆଉଁଷି ତାକୁ ବିଚାରାଧୀନ କଏଦୀ ଭାବେ ବର୍ଷ ବର୍ଷ ଧରି ଜେଲରେ ରହିବାକୁ ପଡ଼ିପାରେ । ଯଦି ମାମଲାଗୁଡ଼ିକ ତୁରନ୍ତ ବିଚାର ହୋଇପାରୁଥାନ୍ତା ତାହେଲେ ହୁଏତ ସେମାନଙ୍କ ମଧ୍ୟରୁ ଅନେକ ନିର୍ଦ୍ଦୋଷରେ ଖଲାସ ହୋଇପାରନ୍ତେ । ଅଦାଲତରେ ନିୟମିତ ବିଚାର ହେଲେ ମଧ ଆମ ଦେଶରେ ହତ୍ୟା ଭଳି ଜଘନ୍ୟ ଅପରାଧରେ ପ୍ରାୟ ୪୦ ପ୍ରତିଶତ ଅଭିଯୁକ୍ତ ହିଁ ଦଣ୍ଡିତ ହେଉଛନ୍ତି ।

ଆମ ନ୍ୟାୟିକ ପ୍ରକ୍ରିୟାରେ ଏହି ଯେଉଁ ଅନ୍ଧାରୁଆ ଦିଗଟି ରହିଛି ସେଥିରେ ଉପଯୁକ୍ତ ସଂସ୍କାର ନ ଆଣିଲେ ବର୍ଷ ବର୍ଷ ଧରି ନିର୍ଦ୍ଦୋଷ ବ୍ୟକ୍ତିମାନେ ଜାମିନ ଅଭାବରେ ଜେଲ ଦଣ୍ଡ ଭୋଗୁଥିବେ । ଏଥିନିମନ୍ତେ ଜିଲ୍ଲାସ୍ତରୀୟ ବିଚାରପତିମାନଙ୍କ ପାଇଁ ଆଇନଗତ ମାର୍ଗଦର୍ଶିକା ଆବଶ୍ୟକ । ଉଚ୍ଚତମ ଅଦାଲତ ଏହାପୂର୍ବରୁ ଅନେକ ବାର ଜାମିନ ପ୍ରଣାଳୀରେ ଥିବା ଦୁର୍ବଳତା ବିଷୟରେ ଆଲୋକପାତ କରିଛନ୍ତି । ବିଚାରାଧୀନ କଏଦୀମାନଙ୍କ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ମଧ ଆଇନରେ ଉପଯୁକ୍ତ ସଂଶୋଧନ କରିବାକୁ ପରାମର୍ଶ ଦେଇସାରିଛନ୍ତି । ମୁଖ୍ୟ ବିଚାରପତିଙ୍କ ସଦ୍ୟତମ ମନ୍ତବ୍ୟକୁ ସଂସଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ସମୀକ୍ଷା ଅବିଳମ୍ବେ କରାଯିବା ଉଚିତ ଏବଂ ଆମ ନ୍ୟାୟ ବ୍ୟବସ୍ଥାରେ କୌଣସି ନିର୍ଦ୍ଦୋଷ ବ୍ୟକ୍ତି ବିଚାର ପ୍ରକ୍ରିୟା କିମ୍ବା ବିଚାରପତିଙ୍କ ଦ୍ୱନ୍ଦ୍ୱ ଯୋଗୁଁ ଅଧିକ ଗୋଟିଏ ଦିନ ମଧ ଜେଲରେ ବନ୍ଦୀ ନ ହେଉ । ଏହା ଆମ ଗଣତନ୍ତ୍ରର ଏକ ସୁସ୍ଥ ପରିଚୟ ହେଉ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୯୪୩୭୨୨୬୬୪୭*

## ରେଳବାଇକୁ ଶନିଦଶା !

ଆନ୍ଧ୍ର ପ୍ରଦେଶର ବିଜୟନଗମର ଜିଲ୍ଲାରେ ଟ୍ରେନ ଦୁର୍ଘଟଣା, ଯେଉଁଥିରେ ୧୩ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବାବେଳେ ୩୮ଜଣ ଆହତ ହୋଇଥିଲେ, କେବଳ ବାଲେଶ୍ୱର ଜିଲ୍ଲାର ବାହାନଗା ରେଳ ଦୁର୍ଘଟଣାର ଦୁଃଖଦ ପରିସ୍ଥିତିକୁ ମନେ ପକାଇ ଦେଇନାହିଁ, ରେଳ ନିରାପତା ବ୍ୟବସ୍ଥାରେ ତ୍ରୁଟି, ଅପରାଗତା ପୁରି ପଦାରେ ପକାଇ ଦେଇଛି ବୋଲି କୁହାଯାଇପାରିବ । କେବଳ ଏତିକି ନୁହେଁ, ବିଜୟନଗରମ୍ ଜିଲ୍ଲାର କଂଟକାପାଲ୍ଲିଠାରେ ଘଟିଥିବା ରେଳ ଦୁର୍ଘଟଣା ମଣିଷକୃତ ବୋଲି ଖୋଦ ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି । କଂଟକାପାଲୀ ଷ୍ଟେସନରେ ବିଶାଖାପାଟନମ୍-ପଲାସା ଟ୍ରେନ ଛିଡା ହୋଇଥିବାବେଳେ ପଛପଟୁ ବିଶାଖାପାଟଣାମ୍-ରାୟଗଡା ଯାତ୍ରୀ ଟ୍ରେନ ଧକ୍କା ଦେଇଥିଲା । ତହିଁରେ ଉଭୟ ଟ୍ରେନର ଦୁଇଟି ଲେଖାଏଁ ବଗି ଲାଇନଚ୍ୟୁତ ହୋଇଥିଲା । ସ୍ମରଣ କରାଯାଇପାରେ ଯେ, ଗତ ଜୁନ ମାସରେ ବାଲେଶ୍ୱର ଜିଲ୍ଲାର ବାହାନଗାଠାରେ ତିନୋଟି ଟ୍ରେନ ମଧ୍ୟରେ ଧକ୍କାର ହୃଦୟ ବିଦାରକ ଦୁର୍ଘଟଣା ପରେ ଏହା ମାତ୍ର ଚାରି ମାସ ପରେ ସମାନ ଢଙ୍ଗରେ ଦ୍ୱିତୀୟ ବଡ ଧରଣର ଦୁର୍ଘଟଣା । ଯେଉଁଠାରେ ୨୭୫ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବାବେଳେ ଶହଶହ ଯାତ୍ରୀ ଆହତ ହୋଇଥିଲେ । ଉଭୟ ଦୁର୍ଘଟଣାର ମାନବାକୃତ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି ବୋଲି କୁହାଯାଇପାରେ । ଚାରିମାସ ମଧ୍ୟରେ ଦୁଇଟି ରେଳ ଦୁର୍ଘଟଣା ମାନବକୃତ ବୋଲି କୁହାଯାଉଥିବାବେଳେ ସମାନ ଢଙ୍ଗରେ କିଭଳି ତାହା ବାରମ୍ବାର ଘଟୁଛି, ଏବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏପରିକି ବାହାନଗାରେ ଭୟାବହ ଟ୍ରେନ ଦୁର୍ଘଟଣା, ଯାହାକୁ କି ଦେଶର ସବୁଠାରୁ ଭୟାନକ, ଏପରି ଘଟଣାର ଆଉ ପୁନରାବୃତି ହେବ ନାହିଁ ବୋଲି ରେଳବାଇ କିମ୍ବା ସରକାର ଜନସାଧାରଣଙ୍କୁ ନିର୍ଭର ପ୍ରତିଶ୍ରୁତି ଦେବା


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଭଳି କୌଣସି ଫଳପ୍ରଦ ପଦକ୍ଷେପ କିମ୍ବା ଅଭିଯାନ ଗ୍ରହଣ କରିନଥିବା କଂଟକାପାଲ୍ଲୀ ଦୁର୍ଘଟଣା ସଂକେତ ପ୍ରଦାନ କରୁଛି ବୋଲି କହିଲେ ଭୁଲ ହୋଇନପାରେ । ଏହା ସତ୍ୟ ଯେ, ଭାରତୀୟ ରେଳବାଇ ହେଉଛି ବିଶ୍ୱର ସବୁଠାରୁ ବୃହତମ ରେଳନେଟୱାର୍କ ଏବଂ ଯାତ୍ରୀ ପରିବହନ କ୍ଷେତ୍ରରେ ସର୍ବବୃହତ ମାଧମ ୭ହଜାର ୫୦୦ରୁ ଉର୍ଦ୍ଧ୍ୱ ଯାତ୍ରୀବାହୀ ଟ୍ରେନ ଦୈନିକ ଚଳାଚଳ କରୁଥିବାବେଳେ ଏଥିରେ ୨୦କୋଟିରୁ ଅଧିକ ଯାତ୍ରୀ ଯାତାୟତ କରିଥାନ୍ତି । ସେହିପରି ୬ହଜାରରୁ ଉର୍ଦ୍ଧ୍ୱ ମାଲବାହୀଟ୍ରେନ ମଧ ଚଳାଚଳ କରିଥାଏ । ଯେଉଁଥିରେ ଲକ୍ଷ ଲକ୍ଷ ମେଟ୍ରିକ ଟନ୍ ମାଲ ଦୈନିକ ପରିବହନ ହୋଇଥାଏ । ରେଳବାଇ ରାଜସ୍ୱ ଆୟ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସତ୍ତ୍ୱେ ଯାତ୍ରୀ ନିରାପତା ପ୍ରତି ବିଭାଗ ସମ୍ପୂର୍ଣ୍ଣ ଆଖିବୁଜି ଦେଇଛି ବୋଲି କହିଲେ ଅତିରଂଜିତ ହେବ ନାହିଁ । ଏବେ ସରକାର ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ ଚଳାଚଳରୁ ଏକ ପ୍ରମୁଖ ସଫଳତା ବୋଲି ଡିଣ୍ଡିମ ପିଟୁଥିବାବେଳେ ଯାତ୍ରୀ ଓ ମାଲପରିବହନ ନିରାପତା ପ୍ରତି ଯେତିକି ଦୃଷ୍ଟି, ଧ୍ୟାନ ଏବଂ ଅଗ୍ରାଧିକାର ଦେବା କଥା ତାହା ଦେଉନଥିବା ମନେହୁଏ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଗତ ୯ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୪ରୁ ୨୦୨୩ ମଧ୍ୟରେ ଛୋଟବଡ ୧୨୧ଟି ଦୁର୍ଘଟଣା ଘଟିଥିବା ଏକ ରିପୋର୍ଟରୁ ଜଣାଯାଇଛି । ରେଳ ଲାଇନଚ୍ୟୁତ ହେବା ଏକ ନିୟମିତ ଘଟଣାରେ ପରିଣତ ହୋଇଥିବାବେଳେ କେଉଁଠି ଟ୍ରେନରେ ନିଆଁ ଲାଗିଗଲାଣି ତ କେଉଁଠି ବଗି ଛାଡି ଇଂଜିନ ଚାଲିଗଲାଣି । ସେହିପରି ଟ୍ରେନ ପଥଭ୍ରଷ୍ଟ ଅର୍ଥାତ ବାଟବଣା ହୋଇ ଲକ୍ଷ୍ୟସ୍ଥଳ ପରିବର୍ତେ ଅନ୍ୟତ୍ର ଚାଲିଯାଉଥିବା ଖବର ଗଣମାଧ୍ୟମର ଶିରୋନାମା ପାଲଟିଛି । ଏଥିରୁ ରେଳ କର୍ମଚାରୀଙ୍କ ଠାରୁ ଅଫିସର କର୍ମକର୍ତା, କେତେ ତତ୍ପର ତାହା ସ୍ପଷ୍ଟ ବୁଝାପଡେ । ଏଥିରେ ସନ୍ଦେହନାହିଁ ଯେ, ୨୦୨୩ରେ ରେଳବାଇ ଯେଉଁ ଭଳି ସଂକଟ ସମସ୍ୟାର ସମ୍ମୁଖୀନ ହୋଇଛି, ପୂର୍ବରୁ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥିଲା ପରି ମନେ ହେଉନାହିଁ । ସଂକ୍ଷେପରେ ଭାରତୀୟ ରେଳବାଇକୁ ଏବେ ଶନିଦଶା ଗ୍ରାସ କରିଛି ବୋଲି କୁହାଯାଇପାରେ । କହିବା ଅଯଥାର୍ଥ ହେବ ।

*ଶିଶୁପାଳଗଡ଼, ଭୁବନେଶ୍ୱର*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

Bhubaneswar Thursday July 24 | ଭୁବନେଶ୍ୱର ଗୁରୁବାର, ୨୪, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com 

## ଭାରତ ପାଇଁ ଡେବ୍ୟୁ କଲେ ଅଂଶୁଲ କମ୍ବୋଜ

ଭୁବନେଶ୍ୱର,(ପି.ଏନ): ଆଜି ଠାରୁ ମାଞ୍ଚେଷ୍ଟରରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହୋଇଛି ୪ର୍ଥ ଟେଷ୍ଟ। ଏହି ମ୍ୟାଚ୍ ?ରେ ଟସ୍ ? ଜିତି ଇଂଲଣ୍ଡ ବୋଲିଂ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ଆଣ୍ଡରସନ-ତେନ୍ଦୁଲକର ୫ ଟିକିଆ ସିରିଜରେ ୧-୨ରେ ପଛରେ ଥିବା ଭାରତ ତା'ର ଚୂଡାନ୍ତ ଏକାଦଶରେ ୩ଟି ପରିବର୍ତ୍ତନ କରିଛି। ଆହତ ସମସ୍ୟା ଯୋଗୁ ନୀତୀଶ କୁମାର ରେଡ୍ଡୀ ଓ ଆକାଶ ଦୀପ ଚୂଡାନ୍ତ ଏକାଦଶରୁ ବାଦ ପଡିଛନ୍ତି। ସେହିପରି ଖରାପ ଫର୍ମ ପାଇଁ କରୁଣ ନାଏର ମଧ୍ୟ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇ ନାହାନ୍ତି। ଏହି ୩ ଖେଳାଳିଙ୍କ ବଦଳରେ ସାଇ ସୁଦର୍ଶନ, ଶାର୍ଦ୍ଦୁଲ ଠାକୁର ଓ ଅଂଶୁଲ କମ୍ବୋଜଙ୍କୁ ସୁଯୋଗ ମିଳିଛି।



## ଇଂଲଣ୍ଡରେ ଇତିହାସ ରଚିଲା ଭାରତୀୟ ମହିଳା କ୍ରିକେଟ ଟିମ୍ ?

ଭୁବନେଶ୍ୱର,(ପି.ଏନ): ଇଂଲଣ୍ଡ ମାଟିରେ ନୂଆ ଇତିହାସ ସୃଷ୍ଟି କରି ଭାରତୀୟ ମହିଳା କ୍ରିକେଟ ଟିମ। ହରମନପ୍ରୀତ କୌରଙ୍କ ଟିମ ଇଣ୍ଡିଆ ଦିନିକିଆ କ୍ରିକେଟରେ ନୂଆ ଅଧ୍ୟାୟ ଯୋଡିଛି। ବୁଧବାର ଭ୍ରମଣକାରୀ ଭାରତୀୟ ଟିମ ଦମଦାର ପ୍ରଦର୍ଶନ କରି ଇଂଲଣ୍ଡ ବିପକ୍ଷ ତୃତୀୟ ତଥା ନିର୍ଣ୍ଣାୟକ ଦିନିକିଆକୁ ୧୩ ରନରେ ଜିତି ନେଇଛି। ଏହି ବିଜୟ ସହ ଭାରତୀୟ ଟିମ ୨-୧ରେ ଦିନିକିଆ ସିରିଜକୁ ମଧ୍ୟ କବଜା କରି ନେଇଛି। ଅଧିନାୟକ ହରମନପ୍ରୀତ କୌରଙ୍କ ୮୪ ବଲରେ ବିସ୍ଫୋରକ ୧୦୨ ରନ ବଳରେ ଭାରତୀୟ ଟିମ ନିର୍ଦ୍ଧାରିତ ୫୦ ଓଭରରେ ୪ ୱିକେଟ ହରାଇ ୩୧୮ ରନ କରିଥିଲା। ଜେମିମା ରୋଡ୍ରିଗ୍ସଙ୍କ ବ୍ୟାଟରୁ ମଧ୍ୟ ଅର୍ଦ୍ଧଶତକ ବାହାରିଥିବା ବେଳେ ରିଚ୍ଚା ଘୋଷ ୧୮ ବଲରେ ଅପରାଜିତ ୩୮ ରନର ଇନିଂସ ଖେଳିଥିଲେ।




## ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗର୍ଜିଲେ ଚାଷୀ

ଭୁବନେଶ୍ୱର,(ପି.ଏନ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶହ ଶହ ଚାଷୀ। ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପଶି ଅଧିକାରୀଙ୍କ ଉପରେ ଗର୍ଜିଲେ ଚାଷୀ। ବର୍ଷାରେ ଭିଜି ଗଜା ହୋଇଥିବା ଧାନ ଧରି ଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସିଛନ୍ତି ବରପାଲି ବ୍ଲକ ତୁଲଣ୍ଡିର ଚାଷୀ। ଟିଫିନରେ ପଖାଳ ଧରି ଅଫିସ ଭିତରେ ପଖାଳ ଖାଇବା ସହ ଗଜା ଧାନ ଧରି ଅଭିନବ ପ୍ରତିବାଦ କରିଛନ୍ତି। ବରଗଡ଼ ଜିଲ୍ଲାରୁ ଧାନ ଉଠୁ ନଥିବା ସମସ୍ୟା ନେଇ



ଚାଷୀମାନେ ଜିଲ୍ଲାପାଳଙ୍କୁ ଜଣାଇଛଥିଲେ। କୌଣସି ସମାଧାନ ଜିଲ୍ଲା ପ୍ରଶାସନ କରୁନଥିବା ଅଭିଯୋଗ କରିଛନ୍ତି ଚାଷୀ । ଗତକାଲି ମଧ୍ୟ ଚାଷୀ ଧାରଣା ଦେଇ ଧାନ ଶୀଘ୍ର ଉଠାଇବାକୁ ଦାବି କରିଥିଲେ। କିନ୍ତୁ ପ୍ରତିଶୃତି ଦେଇ ଚାଷୀଙ୍କୁ ଅଧିକାରୀମାନେ ଧାରଣାରୁ ଉଠେଇ ଦେଇଥିଲେ। ପ୍ରତିଶୃତି ପରେ ମଧ୍ୟ ଚାଷୀଙ୍କ ଧାନ ମଣ୍ଡିରେ ପଡି ରହିଥିବା ବେଳେ ବର୍ତ୍ତମାନ ବର୍ଷା ଯୋଗୁଁ ଧାନ ଗଜା ହୋଇ ବସିଲାଣି। ଯାହାକୁ ନେଇ ଚାଷୀ ଏବେ ଚିନ୍ତାରେ। ବର୍ଷାରେ ମଧ୍ୟ ଚାଷୀ ନିଜ କଷ୍ଟ ଉପାର୍ଜିତ ଧାନ ବିକ୍ରି କରି ନ ପାରି ଅଫିସ ଅଫିସ ଗୌଡୁଥିବା ବେଳେ ପ୍ରଶାସନ କେବଳ ଚାଷୀଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଚାଷୀ ବର୍ଷାରେ ଭିଜିଭିଜି ଜିଲ୍ଲାପାଳ କାର୍ଯ୍ୟାଳୟ ଭିତରେ ଧାରଣାରେ ବସିଛନ୍ତି। ଧାନ ନଉଠିବା ପର୍ଯ୍ୟନ୍ତ ଧାରଣାରୁ ଉଠିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଚାଷୀ।

## ରାଷ୍ଟ୍ରୀୟ ଚେତନାର ପାରଦର୍ଶୀ ପ୍ରବକ୍ତା ଓ ମାର୍ଗଦର୍ଶୀ ପ୍ରଚାରକ ଥିଲେ ହରିହର ନନ୍ଦ

କଟକ,(ପି.ଏନ):ଓଡିଶାର ସର୍ବପ୍ରାଚୀନ ସାହିତ୍ୟ-ସଂସ୍କୃତି ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବିଶିଷ୍ଟ ସାରସ୍ୱତ ସାଧକ ଓ ଯଶସ୍ୱୀ ରାଷ୍ଟ୍ରବାଦୀ ସଂଗଠକ ହରିହର ନନ୍ଦଙ୍କ ତୈଳଚିତ୍ର ଶତାବ୍ଦୀଭବନରେ ଉନ୍ମୋଚିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏଇ ଭବ୍ୟ ଓ ଦିବ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି,ଉଚ୍ଚଶିକ୍ଷା ତଥା କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଷ୍ଟ୍ରୀୟ ଏକତା ଓ ସଂହତିର ସୁରକ୍ଷା ପାଇଁ ହରିହର ନନ୍ଦଙ୍କ ଜୀବନବ୍ୟାପୀ ନିରଳସ ସାଧନା ବାସ୍ତବରେ ଉଲ୍ଲେଖନୀୟ ଓ ଉଦାହରଣୀୟ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଶ୍ରୀ ନନ୍ଦଙ୍କ ସାରସ୍ୱତ ସାଧନା,ସାଙ୍ଗଠନିକ ଦକ୍ଷତା, ନିଷ୍ଠାପର କର୍ତ୍ତବ୍ୟପରାୟଣତା ଓ ନିରନ୍ତର ଦେଶସେବା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାରସ୍ୱତ ସାଧକ, ସୁବକ୍ତା,ରାଷ୍ଟ୍ରଦୀପର ପୂର୍ବତନ ସମ୍ପାଦକ ଜଗବନ୍ଧୁ ମିଶ୍ର ଶ୍ରୀ ନନ୍ଦଙ୍କୁ ଜଣେ ବାଗ୍ମୀ, ବିଦ୍ୱାନ, ବହୁଦର୍ଶୀ, ଜାତୀୟତାବାଦୀ ସୃଷ୍ଟିସମ୍ଭାରର ସଫଳ ସ୍ରଷ୍ଟା ଓ ମୌଳିକ ଚିନ୍ତକ ଭାବେ ଉପସ୍ଥାପନା କରିଥିଲେ। ସୁଶ୍ରୀ ସୁବର୍ଣ୍ଣରେଖା ପ୍ରଧାନ ହରିହର ନନ୍ଦଙ୍କ କବିତା ଗାନ କରିଥିଲେ।

## ପ୍ରାକୃତିକ ଉପାୟରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏହିସବୁ ଖାଦ୍ୟ

ଭୁବନେଶ୍ୱର,(ପି.ଏନ) : ସମଗ୍ର ଦେଶରେ ବୃଦ୍ଧି ପାଉଥିବା କୋଭିଡ଼ ସ୍ଥିତି ତଥା ଫ୍ଲୁ ମାମଲା ଗୁଡ଼ିକୁ ଦୃଷ୍ଟିରେ ରଖି ଆପଣଙ୍କ ଶରୀରରେ ରୋଗପ୍ରତିରୋଧକ ଶକ୍ତିକୁ ମଜବୁତ୍ କରିବା ତଥା ଏହାକୁ ଭଲ ଭାବରେ କ୍ରିୟାଶୀଳ ରଖିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏହି ପ୍ରସଙ୍ଗରେ ଡା. ରୋହିଣୀ ପାଟିଲ, ଏମବିବିଏସ ଏବଂ ନ୍ୟୁଟ୍ରିସନିଷ୍ଟଙ୍କ ମତରେ ଆଲମଣ୍ଡ, ହଳଦୀ, ଅଦା ଭଳି ପୋଷକ ତତ୍ୱରେ ଭରପୁର ଖାଦ୍ୟକୁ ସାମିଲ କରିବା ଦ୍ୱାରା ଏହା ଆପଣଙ୍କର ଶରୀରରେ ପ୍ରତିରୋଧୀ ପ୍ରଣାଳୀକୁ ଦୃଢ଼ କରିବା ସହିତ ଏହି ଋତୁ ପରିବର୍ତ୍ତନ ସମୟରେ ଆପଣଙ୍କୁ ସୁସ୍ଥ ରଖିଥାଏ। କାଲିଫର୍ଣ୍ଣିଆ ଆଲମଣ୍ଡ ୧୫ଟି ଅତ୍ୟାବଶ୍ୟକୀୟ ପୌଷ୍ଟିକତତ୍ୱରେ ଭରପୁର। ଯେଉଁଥିରେ ରହିଛି ଉପାଦେୟ



ଚର୍ବି, ପ୍ରୋଟିନ, ଜିଙ୍କ, ମ୍ୟାଗନେସିୟମ ତଥା ଭିଟାମିନ ଇ ଯାହାକି ହୃଦଜନିତ ସୁସ୍ଥତାକୁ ବଢ଼ାଇବା ସହିତ ଶରୀର ଶକ୍ତି ସ୍ତରକୁ ବୃଦ୍ଧି କରିଥାଏ। ଫୁଡ ସେଫଟି ଆଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ ଇଣ୍ଡିଆ (ଏଫଏସଏସଏଆଇ) ଅନୁମୋଦିତ ମୁତାବକ, ଆମ ଦୈନନ୍ଦିନ ଖାଦ୍ୟ ଅଭ୍ୟାସରେ ଆଲମଣ୍ଡର ଯୋଗଦାନ ଶରୀରରେ ରୋଗ ପ୍ରତିରୋଧଶକ୍ତି ବୃଦ୍ଧି ସହିତ ଅତି ପ୍ରଭାବଶାଳୀ ଢ଼ଙ୍ଗରେ ଶରୀରକୁ ନିରୋଗ ରଖିବାରେ ସାହାଯ୍ୟ କରିଥାଏ। ପ୍ରତିଦିନ ଗୋଟିଏ ମୁଠା ଆଲମଣ୍ଡ ଖାଦ୍ୟରେ ଗ୍ରହଣ ଦ୍ୱାରା ଏହା ଉତମ ଚର୍ମ ସ୍ୱାସ୍ଥ୍ୟ ତଥା ଶରୀରର ଓଜନ ପରିଚାଳନାରେ ସାହାଯ୍ୟ କରିଥାଏ । ଜ୍ୱଳନ-ପ୍ରତିରୋଧକାରୀ ତଥା ଆଂଟିଅକ୍ସିଡାଂଟ ତତ୍ୱ ଭାବରେ ଜଣାଶୁଣା ହଳଦି ବିଶେଷଭାବରେ ରୋଗ ପ୍ରତିରୋଧଶକ୍ତି ବୃଦ୍ଧି ଏବଂ ସଂକ୍ରମଣକୁ ପ୍ରତିହତ କରିବାରେ ଯଥେଷ୍ଟ ସାହାଯ୍ୟ କରେ। ଏହି ଫ୍ଲୁଜନିତ ସମସ୍ୟାରେ ତଥା ବିଶେଷ ଭାବରେ ମୌସୁମୀ ଋତୁରେ ଏହାକୁ ନିଜ ଖାଦ୍ୟରେ ସାମିଲ କରିବା ଅତି ଆବଶ୍ୟକ ଅଟେ। ସେହିଭଳି ଅଦା ପାଚନକ୍ରିୟାରେ ସାହାଯ୍ୟ, ଜ୍ୱଳନ ହ୍ରାସ ତଥା ଜୀବାଣୁ ନିରୋଧକାରୀ ଶକ୍ତି ଭାବରେ ରହି ଶରୀରରେ ସାଧାରଣ ଥଣ୍ଡା ଓ ଗଳା ଦରଜ ଭଳି ଲକ୍ଷଣ ବିରୋଧରେ ଏହା ଲଢ଼େଇ କରିଥାଏ।

## ଚେରଗାଁ ଠୁ ନଦୀ ବ୍ରିଜ ରାସ୍ତା ଅତ୍ୟନ୍ତ ଶୋଚନୀୟ

ଗୋଲାମୁଣ୍ଡା (ପି ଏନ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବଡ଼ଚେରଗାଁ ପୂର୍ତ୍ତ ବିଭାଗ ରାସ୍ତା ରୁ ନଦୀବ୍ରିଜକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇ ପଡ଼ିଛି। ଏହି ରାସ୍ତାଟି ଜିଲ୍ଲା ସଦର ମହକୁମାକୁ ସଂଯୋଗ ହୋଇଥିବା ବେଳେ ଏହି ରାସ୍ତା ଦେଇ ୧୦ ଟି ପଞ୍ଚାୟତ ଜନସାଧାରଣ ଜିଲ୍ଲା ମୁଖ୍ୟାଳୟକୁ ଯିବା ଆସିବା କରିଥାନ୍ତି। ହେଲେ ଉକ୍ତ ରାସ୍ତାରେ ଅଧିକ ମାତ୍ରାରେ ଖଳାଢିପ ଭରପୁର ରହିଛି । ଯାହାକୁ ନେଇ ସଦାସର୍ବଦା ଖାଲଢିପ ଗୁଡିକରେ ପାଣି ଜମୁଛି। ସ୍କୁଲ ଛାତ୍ରଛାତ୍ରୀ ମାନେ ମଧ୍ୟ ଏହି ରାସ୍ତା ଦେଇ ଉକ୍ତ ବିଦ୍ୟାଳୟକୁ ପଢ଼ି ଯାଉଥିବା ବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ରାସ୍ତାରେ ନୈନିକ ହଜାର ହଜାର ଯାନବାହାନ ଚଳାଚଳ ହେଉଛି । ଅନେକ ଦୁର୍ଘଟଣାର ଶିକାର ମଧ୍ୟ ହେଉଛନ୍ତି। ଏ ପର୍ଯ୍ୟନ୍ତ ପ୍ରଶାସନର ଦୃଷ୍ଟିଗୋଚର ନ ହେବା ଏକ ଦୁର୍ଭାଗ୍ୟ ଜନକ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ନେଇ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ମଧ୍ୟ ଅବଗତ କରାଯାଇଥିଲେ ସୁଦ୍ଧା ଶୁଣୁ ନ ଥିବା ଲୋକେ କହିଛନ୍ତି। ଏଉପରେ ବିଭାଗୀୟ ଯନ୍ତ୍ରୀକୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲା ହେଲେ ଯୋଗାଯୋଗ ହୋଇପାରିନଥିଲା। ଜିଲ୍ଲା ପ୍ରଶାସନ ଏଉପରେ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ରାସ୍ତା ମରାମତି କରିବା ନିମନ୍ତେ ସାଧାରଣରେ ଦାବି ହେଉଛି।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray